## ଜଙ୍ଗଲରୁ ଶିଶୁପୁତ୍ର ଉଦ୍ଧାର

ଖମାର,୨୦।୧: ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ପଞ୍ଚାୟତ କୋଚିଆବେଡା ସଂରକ୍ଷିତ ଜଙ୍ଗଲରୁ ବୁଧବାର ଏକ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ମହିଳାମାନେ ଜାଳେଣି ସଂଗ୍ରହ ପାଇଁ ଯାଇଥିବାବେଳେ ପିଲା କାନ୍ଦିବା ଶବ୍ଦ ଶୁଣିବାକୁ ପାଇଥିଲେ। କୋଚିଆବେଡା ଗ୍ରାମର ଶାନ୍ତି ସିଂ ପିଲାଟିକୁ ଉଦ୍ଧାର କରି ସ୍ଥାନୀୟ ଯୁବକ ପ୍ରଦୀପ ବେହେରାଙ୍କ ସହାୟତାରେ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଜାରି ରଖିଛି। ପ୍ରାଥମିକ ଚିକିତ୍ସା ପରେ ଶିଶୁଟି ସୁସ୍ଥ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଶଶିକାନ୍ତ ବେହେରା ସୂଚନା ଦେଇଛନ୍ତି।

# ବିସ୍ଥାପିତଙ୍କୁ ମିଳିବ କ୍ଷତିପୂରଣ

**ଓଟିପିସିଏଲ୍‌ର ୨ୟ ଆର୍‌ପିଡିଏସି ବୈଠକ**

- ଜମିହରାଙ୍କ ରୋଜଗାର ଉପରେ ଗୁରୁତ୍ୱ
- ଆନୁଷଙ୍ଗିକ ସହାୟତା ପ୍ରଦାନ ନିର୍ଦ୍ଦେଶ

**ଢେଙ୍କାନାଳ ଅଫିସ, ୨୦।୧**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ବୁଧବାର ଓଟିପିସିଏଲ୍‌ର ଦ୍ୱିତୀୟ ପୁନର୍ବାସ ଓ ଥଇଥାନ ଉପଦେଷ୍ଟାମଣ୍ଡଳୀ କମିଟି (ଆର୍‌ପିଡିଏସି) ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିଲେ। କାମାକ୍ଷାନଗର ତହସିଲ ଅଞ୍ଚଳରେ ନିର୍ମାଣାଧୀନ ଓଟିପିସିଏଲ୍ ପ୍ରକଳ୍ପରେ ବିସ୍ଥାପିତ ପରିବାରକୁ ଉଚିତ କ୍ଷତିପୂରଣ, ଜମିହରାଙ୍କୁ ଯୋଗ୍ୟତା ଅନୁଯାୟୀ ପ୍ରକଳ୍ପରେ ନିୟୋଜିତ କରିବା ଏବଂ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରାଯିବ ବୋଲି ଉତ୍ତରାଞ୍ଚଳ ରାଜସ୍ୱ କମିଶନର କହିଛନ୍ତି।

ଏମ୍‌ପି ମହେଶ ସାହୁ କହିଲେ, ଏହି ଶକ୍ତି ପ୍ରକଳ୍ପ ଦ୍ୱାରା ବହୁ ପରିବାର ବିସ୍ଥାପିତ ହୋଇଛନ୍ତି। ସେମାନଙ୍କୁ ବାଛବିଚାର ନ କରି ମାନବିକତା ଦୃଷ୍ଟିକୋଣରୁ ବାସଗୃହ ସମେତ ସମସ୍ତ ଆନୁଷଙ୍ଗିକ ସୁବିଧାସୁଯୋଗ ପ୍ରଦାନ କରିବା ଜରୁରୀ। ସ୍ଥାନୀୟ ଅଞ୍ଚଳର ଯୁବତୀଯୁବକ, ଶ୍ରମଜୀବୀ, କୁଶଳୀ ଶ୍ରମିକଙ୍କୁ କର୍ମନିୟୋଜନ ଉପରେ ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ। ଥଇଥାନ କଲୋନୀରେ ପାରିପାର୍ଶ୍ୱିକ ଉନ୍ନତି ଉପରେ ଦୃଷ୍ଟି ଦେବାକୁ ଏମ୍‌ପି ପରାମର୍ଶ ଦେଇଛନ୍ତି। ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ ଭୀମପାଳ ଗ୍ରାମସ୍ଥିତ ଥଇଥାନ କଲୋନୀବାସୀଙ୍କ ଲାଗି ଏକ ଷ୍ଟାଡିୟମ ଏବଂ କଲ୍ୟାଣମଣ୍ଡପ ନିର୍ମାଣ କରିବାକୁ ଦୃଷ୍ଟି ଆକର୍ଷଣ କରିଥିଲେ।

ଓଟିପିସିଏଲର ସିଓଓ ପ୍ରଭାକର ମହାନ୍ତି କହିଲେ, ବିସ୍ଥାପିତ ପରିବାର ଲାଗି କୁସୁମଯୋଡି ଗ୍ରାମର ଭୀମପାଳଠାରେ ୧୨୨ ବାସଗୃହ ନିର୍ମାଣ କରାଯାଉଛି। ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଜାରିରହିଛି। କମ୍ପାନୀ ପ୍ରତିଷ୍ଠା ପାଇଁ ପାରିପାର୍ଶ୍ୱିକ ଉନ୍ନତି, କୋଇଲା ଆବଣ୍ଟନ ଏବଂ ଜମି ଅଧିଗ୍ରହଣ ସମ୍ପର୍କରେ ଆଲୋଚନା କରାଯାଇଛି। ବିସ୍ଥାପିତ ପରିବାରର ବୃଦ୍ଧାବୃଦ୍ଧଙ୍କ ସୁଖସୁବିଧା ଏବଂ ସ୍ଥାନୀୟ ଅଞ୍ଚଳର ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦେଇ ରୋଜଗାରକ୍ଷମ କରିବାକୁ ଜିଲାପାଳ ଭୂମେଶଚନ୍ଦ୍ର ବେହେରା ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ମିନତି ନାୟକ, ଏସ୍‌ପି କେ. ଶିବା ସୁବ୍ରମଣି, ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ଡିଏଫ୍‌ଓ ଡା. ପ୍ରକାଶ ଚାନ୍ଦ ଗୋଗିନେନି, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଉପଜିଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଡେପୁଟି କଲେକ୍ଟର ସୀତାଂଶୁ ଶେଖର ଦାସ, ଡିଆଇପିଆର୍‌ଓ ସୁଶାନ୍ତ ମିଶ୍ର, ବିସ୍ଥାପିତ ଜମି ମାଲିକ ଏବଂ ଓଟିପିସିଏଲର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହାପରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ କ୍ୟାମ୍ପ କୋର୍ଟରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ୨୫ ମାମଲାର ଶୁଣାଣି କରିଥିଲେ।



ଆର୍‌ପିଡିଏସି ବୈଠକରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନଙ୍କ ସମେତ ଅନ୍ୟମାନେ।

# ହରିଣ ଛାଲ ଜବତ: ୪ ଗିରଫ


ଜବତ ହରିଣ ଛାଲ ସହ ଗିରଫ ଅଭିଯୁକ୍ତମାନେ।

**ଢେଙ୍କାନାଳ ଅଫିସ, ୨୦।୧**

ଢେଙ୍କାନାଳ ଜିଲାର କପିଳାସ ଅଭୟାରଣ୍ୟକୁ ଶିକାରୀମୁକ୍ତ କରିବାକୁ ଅଭିଯାନ ଆରମ୍ଭ ହୋଇଥିବାବେଳେ ବନ ବିଭାଗକୁ ମିଳିଛି ସଫଳତା। ବନ୍ୟଜନ୍ତୁ ଶିକାର କରି ସେମାନଙ୍କ ଅଙ୍ଗପ୍ରତ୍ୟଙ୍ଗ ଚାଲାଣରେ ସମ୍ପୃକ୍ତ ଥିବା ଅଭିଯୋଗରେ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନିହଲପ୍ରସାଦ ଥାନା କରଡାବଣିର ବଳରାମ ସାହୁ (୨୭), ସଞ୍ଜୟ ଜାଠ (୪୦), ଗଡ଼ଖଙ୍କିରାର କୁନା ସାହୁ (୬୦) ଏବଂ ଟୋଲରପଶିର ବଙ୍ଗାଳି ଦେହୁରୀ (୫୦)। ସେମାନଙ୍କ ନିକଟରୁ ଏକ ହରିଣ ଛାଲ, ୭ ବଜ୍ରକାପ୍ତା କାତି ସହ ଗୋଟିଏ ବାଇକ୍ ଜବତ କରାଯାଇଛି। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। କପିଳାସ ଅଭୟାରଣ୍ୟରେ ଶିକାରୀଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି। ଏଠାରେ ବିଧିବଦ୍ଧ ଭାବେ ଏକ ଜନ୍ତୁଚାଲାଣ ର୍‍ୟାକେଟ କାମ କରୁଛି। ଜଙ୍ଗଲରେ ହରିଣ ଛାଲ ଏବଂ ବଜ୍ରକାପ୍ତା ଛାଲି ଚାଲାଣ କରିବାକୁ ଯୋଜନା ଚାଲିଥିବା ସୂଚନା ପାଇ ମଙ୍ଗଳବାର ସନ୍ଧ୍ୟାରେ ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ବନ କର୍ମଚାରୀ ଚଢ଼ାଉ କରି ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଚଢ଼ାଉରେ ଏସିଏଫ୍ ରଶ୍ମିରଞ୍ଜନ ସ୍ୱାଇଁ, କପିଳାସ ରେଞ୍ଜର ଗୌତମ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ଚାଷୀ ମୃତ

**ଢେଙ୍କାନାଳ ଅଫିସ, ୨୦।୧:** ଢେଙ୍କାନାଳ ଜିଲା ସଦର ଥାନା ଗହମଖୁଣ୍ଟି ଗ୍ରାମରେ ବୁଧବାର ସକାଳେ ହାତୀ ଆକ୍ରମଣରେ ରମେଶ ସାହୁ ନାମକ ଜଣେ ପରିବା ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ଜମିରୁ ଫେରୁଥିବାବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଖବର ପାଇ ବନ କର୍ମଚାରୀ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଜିଲାର ବିଭିନ୍ନ ଅଞ୍ଚଳରେ ହାତୀ ଆକ୍ରମଣରେ ଧନଜୀବନ ହାନି ହେଉଛି। ହାତୀ ଘଉଡ଼ାଇବାକୁ ଐରାବତ ଯାନ ମୁତୟନ କରାଯାଇଥିବା ବେଳେ ସୁଫଳ ମିଳୁନାହିଁ। ଏହାର ପ୍ରତିକାର କରିବାକୁ ଉପଦ୍ରୁତ ଅଞ୍ଚଳବାସୀ ଦାବି କରିଛନ୍ତି।

### ଝିଅ ଆଗରେ ଚାଲିଗଲା ବାପା ଜୀବନ

**ଢେଙ୍କାନାଳ ଅଫିସ, ୨୦।୧:** ଢେଙ୍କାନାଳ ସଦର ଥାନା ରଣପଶିଠାରେ ବୁଧବାର ଏକ ହୃଦୟ ବିଦାରକ ଦୁର୍ଘଟଣା ଘଟିଛି। ଟ୍ରକ୍ ସହ ବାଇକ୍ ଧକ୍କା ହେବାରୁ ଝିଅ ଆଖି ଆଗରେ ଚାଲିଯାଇଛି ବାପାଙ୍କ ଜୀବନ। ମୃତକ ହେଲେ ପରଜଙ୍ଗ ଥାନା ଖଇରାପଶି ଗ୍ରାମର ନବକିଶୋର ପାଣି (୪୭)। ଏଥିରେ ତାଙ୍କ ଝିଅ ପୂର୍ଣ୍ଣିମା (୧୮) ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ନବକିଶୋର ଏବଂ ପୂର୍ଣ୍ଣିମା ବାଇକ୍‌ରେ ଢେଙ୍କାନାଳ ଆସୁଥିଲେ। ରଣପଶିଠାରେ ବାଇକ୍ ଏବଂ ଟ୍ରକ୍ ମଧ୍ୟରେ ଧକ୍କା ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

### ଆଜିଠୁ ଖୋଲିବ ଜିଲାର ସବୁ ଧର୍ମାନୁଷ୍ଠାନ

**ଢେଙ୍କାନାଳ ଅଫିସ, ୨୦।୧:** ଢେଙ୍କାନାଳ ଜିଲାରେ ଗୁରୁବାରଠାରୁ ସମସ୍ତ ଧର୍ମାନୁଷ୍ଠାନ ଖୋଲିବ। କୋଭିଡ୍ କଟକଣା ମଧ୍ୟରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ କରିବା ଲାଗି ସୁବ୍ୟବସ୍ଥା କରିବାକୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନୀୟ ବିଡିଓ ଏବଂ ତହସିଲଦାର ମନ୍ଦିରରେ କୋଭିଡ୍ ନିୟମ ଅନୁପାଳନର ତଦାରଖ କରିବେ। ସ୍ୱତନ୍ତ୍ର ଦିବସରେ ମନ୍ଦିରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବାରୁ ଏଥିପ୍ରତି ଯତ୍ନବାନ ହେବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### କ୍ଷତିଗ୍ରସ୍ତଙ୍କ ଦାବି ସମ୍ପର୍କରେ ଆଲୋଚନା

**ଢେଙ୍କାନାଳ ଅଫିସ, ୨୦।୧:** ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳରେ ହେବାକୁ ଥିବା ଓଟିପିସିଏଲ୍ ପ୍ରକଳ୍ପରେ ବିସ୍ଥାପିତ ହେଉଥିବା ମରିଚାକଣ ଏବଂ ନୂଆଗାଁବିଲ ଗ୍ରାମବାସୀ ନିଜର ଦାବି ନେଇ ବୁଧବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ଯାଏ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ବିସ୍ଥାପିତଙ୍କ ପକ୍ଷରୁ ଦେବାଶିଷ ହୋତା ଉତ୍ତରାଞ୍ଚଳ ରାଜସ୍ୱ କମିଶନର ନିରଞ୍ଜନ ସାହୁଙ୍କ ସହ ଆଲୋଚନା କରିଥିଲେ। ବିସ୍ଥାପିତଙ୍କ ଦାବି ପୂରଣ କରାଯିବ ବୋଲି ଉତ୍ତରାଞ୍ଚଳ ରାଜସ୍ୱ କମିଶନର ପ୍ରତିଶ୍ରୁତି ଦେଇଥିବା ଓଟିପିସିଏଲ୍ ମରିଚାକଣ, ନୂଆଗାଁବିଲ ବିସ୍ଥାପିତ ଟ୍ରେଡ୍ ୟୁନିୟନର ମିଡିଆ ପ୍ରଭାରୀ ଅଜୟ କୁମାର ସାହୁ ସୂଚନା ଦେଇଛନ୍ତି।

### ଲୁଟ୍ ମାମଲାର ଅଭିଯୁକ୍ତ ଗିରଫ

**ଢେଙ୍କାନାଳ ଅଫିସ, ୨୦।୧:** ଢେଙ୍କାନାଳ ସଦର ଥାନା ପୋଲିସ ଏକ ଲୁଟ୍ ମାମଲାର ଅଭିଯୁକ୍ତଙ୍କୁ ଗିରଫ କରିଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କା ଥିବାରୁ ତାଙ୍କ ନାମ ଗୋପନ ରଖାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅନୁଗୋଳ ଜିଲା ବଇଣ୍ଡାରୁ ଜଣେ ବ୍ୟକ୍ତି ଏକ ବୋଲେରୋ ଭଡ଼ା ନେଇ ୨୦୨୦ ଡିସେମ୍ବର ୧୮ରେ ଢେଙ୍କାନାଳ ସଦର ଥାନା ସିମିନଇ ଅଞ୍ଚଳକୁ ଆସୁଥିଲେ। ରାତି ପ୍ରାୟ ୮ଟାରେ କୋରେଇଗାଡିଆ ନିକଟରେ ୪ଜଣ ବ୍ୟକ୍ତି ଗାଡ଼ି ଅଟକାଇ ଚାଳକଙ୍କୁ ମାଡ଼ ମାରିଥିଲେ। ଗାଡ଼ି ଭଙ୍ଗାରୁଜା କରିବା ସହ ଭୁଜାଲି ଏବଂ ଛୁରି ଦେଖାଇ ଗାଡ଼ିରେ ଥିବା ବ୍ୟକ୍ତିଙ୍କଠାରୁ ୮,୦୦୦ ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାର ସମ୍ପୃକ୍ତ ଗିରଫ ଅଭିଯୁକ୍ତ ମାଷ୍ଟରମାଇଣ୍ଡ। ତାଙ୍କଠାରୁ ଲୁଟ୍ ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତଙ୍କ ନାମରେ ଢେଙ୍କାନାଳ ଏବଂ ଅନୁଗୋଳ ଜିଲାର ବିଭିନ୍ନ ଥାନାରେ ୧୬ ଆପରାଧିକ ମାମଲା ରହିଛି। ଏହି ଘଟଣାରେ ଅନ୍ୟ କେତେଜଣଙ୍କ ସମ୍ପୃକ୍ତି ଥିବା ଅନୁମାନ କରାଯାଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦିଆଯିବ ବୋଲି ପୋଲିସ କହିଛି।

# ପିଇଓଙ୍କୁ ୨ ବର୍ଷ ଜେଲ

**ଆବାସ ପାଇଁ ଲାଞ୍ଚ ମାମଲା**

**ଢେଙ୍କାନାଳ ଅଫିସ, ୨୦।୧**

ଆବାସ କିସ୍ତି ଲାଗି ହିତାଧିକାରୀଠାରୁ ଲାଞ୍ଚ ନେବା ଢେଙ୍କାନାଳ ଜିଲାର ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ମହଙ୍ଗା ପଡ଼ିଛି। ଏହି ମାମଲାର ଶୁଣାଣି କରି ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତର ବିଚାରପତି ପ୍ରତିମା ପଣ୍ଡା ସଦର ବ୍ଲକ ଚନ୍ଦ୍ରଶେଖରପ୍ରସାଦ ପଞ୍ଚାୟତର ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ତଥା ବର୍ତ୍ତମାନ ପରଜଙ୍ଗ ବ୍ଲକ କଙ୍କିଳି ପଞ୍ଚାୟତର ପିଇଓ ହୃଷୀକେଶ ମହନ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ଆଦେଶ ଦିଆଯାଇଛି। ଜରିମାନା ଅନାଦାୟ ଅଧିକ ୨ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ଏହି ଦଣ୍ଡାଦେଶ ସମାନ୍ତରାଳ ଭାବେ ଚାଲିବ ବୋଲି କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ସଦର ବ୍ଲକ ଚନ୍ଦ୍ରଶେଖରପ୍ରସାଦ ପଞ୍ଚାୟତର ମୁରଲି ଦେହୁରୀଙ୍କ ଆବାସ ଯୋଜନାର ତୃତୀୟ କିସ୍ତି ଅର୍ଥ ମଞ୍ଜୁର କରାଇଦେବା ଲାଗି ପିଇଓ ହୃଷୀକେଶ ୧୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ମୁରଲୀଙ୍କ ଅଭିଯୋଗକ୍ରମେ ୨୦୧୨ ନଭେମ୍ବର ୮ରେ କଟକ ଭିଜିଲାନ୍ସ ଡିଭିଜନରେ ମାମଲା ରୁଜୁ ହୋଇଥିଲା। ଏହା ପରଦିନ ଅର୍ଥାତ୍ ୯ ତାରିଖରେ ମୁରଲୀଙ୍କଠାରୁ ଲାଞ୍ଚ ନେଉଥିବାବେଳେ ପିଇଓ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ମାମଲାକୁ ଭିଜିଲାନ୍ସ ଅଦାଲତର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର କୈଳାସ ଚନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିଲେ।

# ବଣ୍ଟାଗଲା ମୁଗ ବିହନ

**‘ଧରିତ୍ରୀ ପ୍ରଭାବ’**

**ରାସୋଳ, ୨୦।୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ଗଣ୍ଡାନାଳୀ ପଞ୍ଚାୟତ କଦଳୀପାଳ ଗ୍ରାମର ଚାଷୀଙ୍କୁ ମୁଗବିହନ ବଣ୍ଟାଯାଇଛି। ଏ ସଂକ୍ରାନ୍ତରେ ‘ଧରିତ୍ରୀ’ରେ ଗତ ୧୫ ତାରିଖରେ ‘କୋମାରେ କୃଷି ବିଭାଗ’ ଶୀର୍ଷକ ଏକ ଖବର ପ୍ରକାଶିତ ହୋଇଥିଲା। ଏହାପରେ ବ୍ଲକ କୃଷି ବିଭାଗ ପକ୍ଷରୁ ତରବରିଆ ଭାବେ କଦଳୀପାଳ ଗ୍ରାମରେ କ୍ୟାମ୍ପ କରି ବିହନ ବଣ୍ଟନ କରାଯାଇଛି। ମାତ୍ର ଏବେ ସମୟ ଗଡ଼ିଯାଇଥିବାରୁ ଏହି ବିହନ କୌଣସି କାମରେ ଆସିବ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ଜିଲା କୃଷି ଉପନିର୍ଦ୍ଦେଶକ ରାଜକିଶୋର ନାଏକ କହିଛନ୍ତି, କିଭଳି ସମସ୍ତ ଚାଷୀ ବିହନ ପାଇବେ ସେହି ବ୍ୟବସ୍ଥା କରାଯିବ। ସୂଚନାଯୋଗ୍ୟ, ହିନ୍ଦୋଳ ବ୍ଲକ ଅନ୍ତର୍ଗତ ରାସୋଳ, କୁନୁଆ, ଦଣ୍ଡିରି, ବୁହାଳିପାଳ ପଞ୍ଚାୟତରେ ସାର, ବିହନ ଏବଂ କୀଟନାଶକ ଯୋଗାଣ ହେଉ ନ ଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ସ୍ଥାନୀୟ ଚାଷୀ ଏବଂ ସରପଞ୍ଚମାନେ ଗଣମାଧ୍ୟମ ସମ୍ମୁଖରେ ବିଷୋଦଗାର କରିବା ସହ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଥିଲେ।

# ଟିକା ନେଲେଣି ୧୭୫୫


ବୈଠକରେ ଜିଲା ପ୍ରଶାସନର ଅଧିକାରୀମାନେ।

- ପସନ୍ଦର ସ୍କୁଲକୁ ପୋଷ୍ୟ ଗ୍ରହଣ କର: ଜିଲାପାଳ
- ଇ-ଅଭିଯୋଗର ସମାଧାନ କରିବା ଉପରେ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୨୦।୧**

ଢେଙ୍କାନାଳ ଜିଲାରେ ମଙ୍ଗଳବାର ସୁଦ୍ଧା ୧୭୫୫ ଜଣଙ୍କୁ କୋଭିଶିଲ୍ଡ ଟିକା ଦିଆଯାଇଛି। ଟିକା ସମ୍ପୂର୍ଣ୍ଣ ନିରାପଦ। ପଞ୍ଜୀକୃତ ବ୍ୟକ୍ତି ଭାକ୍ସିନ୍ ନେବା ପରେ ଅନ୍ୟମାନଙ୍କୁ ପ୍ରବର୍ତ୍ତାଇବାକୁ ପରାମର୍ଶ ଦେଇଛନ୍ତି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା। ସ୍ଥାନୀୟ ଜିଲା କାର୍ଯ୍ୟାଳୟ ଓସ୍ୱାନ୍ ଭିଡିଓ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ କୋଭିଡ୍ ସମୀକ୍ଷା ବୈଠକରେ ଯୋଗଦେଇ ସେ ଏହା କହିଥିଲେ। ଶିକ୍ଷାନୁଷ୍ଠାନର କର୍ମଚାରୀ, ହଷ୍ଟେଲରେ ରହି ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ଆବଶ୍ୟକସ୍ଥଳେ କୋଭିଡ୍ ପରୀକ୍ଷା କରାଯିବ। ସାମାଜିକ ଦୂରତ୍ୱ ରକ୍ଷା, ମାସ୍କ ପରିଧାନ ନେଇ ଚଢ଼ାଉ କରାଯିବ। ପ୍ରଥମ ପର୍ଯ୍ୟାୟରେ ନିର୍ଦ୍ଧାରିତ ସମୟ ମଧ୍ୟରେ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀଙ୍କୁ ଟିକା ଦିଆଯିବ। ମୋ ସ୍କୁଲ ଅଭିଯାନକୁ ସଫଳ ରୂପାୟନ ଲାଗି ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ନିଜ ପସନ୍ଦର ଗୋଟିଏ ସ୍କୁଲକୁ ପୋଷ୍ୟ ଗ୍ରହଣ କରିବା ଏବଂ ଏହାର ଉନ୍ନତି ଲାଗି ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସେଲ୍‌ରୁ ଟୁଇଟରରେ ଆସୁଥିବା ଦରଖାସ୍ତଗୁଡ଼ିକୁ ଦୁଇଦିନ ମଧ୍ୟରେ ସମାଧାନ, ଇ-ଅଭିଯୋଗର ସମାଧାନ ସମୟସୀମା ମଧ୍ୟରେ ସାରିବାକୁ ଗୁରୁତ୍ୱାରୋପ କରାଯାଇଛି। ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା, ବାସଗୃହ, ଅଗ୍ରାଧିକାର ଭିତ୍ତିରେ ଘର ପାଇଁ ଜମି ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଡେପୁଟି କଲେକ୍ଟର ସୀତାଂଶୁ ଶେଖର ଦାସ, ସିଡିଏମ୍‌ଓ ଡା. ସୁଜତାରାଣୀ ମିଶ୍ର, ତହସିଲଦାର ଲକ୍ଷ୍ମୀଧର ରାଉତ, ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ, ଶିକ୍ଷା ଅଧିକାରୀ ନିବେଦିତା ପାଣି, ଡିଆଇପିଆର୍‌ଓ ସୁଶାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପର୍କ ବଢ଼ାଇବ ‘ଶିଶୁ ସମ୍ପର୍କ ଯାତ୍ରା’

**ଢେଙ୍କାନାଳ ଅଫିସ, ୨୦।୧**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ପରିସରରୁ ବୁଧବାରଠାରୁ ଆରମ୍ଭ ହୋଇଛି ଶିଶୁ ସମ୍ପର୍କ ଯାତ୍ରା। ଜିଲାପାଳ ଭୂମେଶଚନ୍ଦ୍ର ବେହେରା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। କୋଭିଡ୍ ସମୟରେ ପିଲାମାନେ ସ୍କୁଲଠାରୁ ଦୂରରେ ଥିଲେ। ସେମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ସେମାନଙ୍କ ସହ ସମ୍ପର୍କ ଯୋଡ଼ିବାକୁ ଶିଶୁ ସମ୍ପର୍କ ଯାତ୍ରା ଉତ୍ତମ ପଦକ୍ଷେପ। ଅଭିଭାବକ, ଶିଶୁଙ୍କ ଲାଗି କାର୍ଯ୍ୟ କରୁଥିବା ଅନୁଷ୍ଠାନ ଏଥିରେ ସହଯୋଗ କଲେ ଅଭିଯାନ ସଫଳ ହେବ ବୋଲି ଜିଲାପାଳ କହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିବା ଏହି ସଚେତନତା ରଥକୁ ହିନ୍ଦୋଳ ବ୍ଲକର ବାବନ୍ଧ, ବେଡ଼ାପଡ଼ା, ବ୍ରହ୍ମପୁରଠାରେ ବନ୍ଦାପନା କରାଯାଇଥିଲା। ଗିରିଧାରିପ୍ରସାଦରେ ପହଞ୍ଚିବା ପରେ ସେଠାରେ ଏକ ସଭା ଆୟୋଜନ କରାଯାଇଥିଲା। ଶିଶୁ ନିର୍ଯାତନା ଏବଂ ହିଂସା ରୋକିବା ଲାଗି ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ପ୍ରତାପ ଆଚାର୍ଯ୍ୟ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ କହିଲେ, ପଞ୍ଚାୟତସ୍ତରରେ ଥିବା ଶିଶୁ ସୁରକ୍ଷା କମିଟି ସକ୍ରିୟ ହେଲେ ପିଲାମାନଙ୍କ ଉପରେ ହେଉଥିବା ହିଂସା ରୋକାଯାଇପାରିବ। ବାଲ୍ୟ ବିବାହ ଭଳି ସାମାଜିକ ବ୍ୟାଧି ବନ୍ଦ ହୋଇପାରିବ। ଗଣେଶ୍ୱର କ୍ଲବର ସମ୍ପାଦକ ରାଜେନ୍ଦ୍ର ପାଲ, ଶୋଭା ଅନୁଷ୍ଠାନ ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର, ଶିଶୁ ମଙ୍ଗଳ କମିଟି ସଦସ୍ୟ ଭାନୁମତୀ ପାଣି, ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଶିଶୁ ସମ୍ପର୍କ ଯାତ୍ରାର ଶୁଭାରମ୍ଭ କରାଯାଉଛି।

# ବିଜେଡି ନେତାଙ୍କ ପାଇଁ ଭିନ୍ନ ଆଇନ: ଭାଜପା

**କାର୍ଯ୍ୟରେ ଯୋଗ ନ ଦେଇ ୨ବର୍ଷ ଦରମା ପାଇବା ଘଟଣା**

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ରାଜ୍ୟ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ଅଧ୍ୟାପିକା ବୋହୂ ଦୀର୍ଘ ୨ବର୍ଷ କାଳ କଲେଜ ନ ଆସି ଦରମା ନେଇଛନ୍ତି। ସାଧାରଣ ଲୋକଙ୍କ ପାଇଁ ଗୋଟେ ଆଇନ ଥିବାବେଳେ ବିଜେଡିର ନେତା, ମନ୍ତ୍ରୀ, ଏମ୍‌ପିଙ୍କ ଲାଗି ଭିନ୍ନ ନିୟମ। ବିଜେଡିର ଏଭଳି ଭିନ୍ନ ଚରିତ୍ରକୁ ଲୋକେ ଲକ୍ଷ୍ୟ କରୁଛନ୍ତି, ଖୁବ୍‌ଶୀଘ୍ର ସେମାନଙ୍କ ବିରୋଧରେ ନିର୍ଣ୍ଣାୟକ ନିଷ୍ପତ୍ତି ନେବେ ବୋଲି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଏକ ଖବରଦାତା ସମ୍ମିଳନୀରେ ବୁଧବାର କହିଛନ୍ତି। ଭାଜପାର ଏଭଳି ଅଭିଯୋଗକୁ ଜବାବ ଦେଇ ମନ୍ତ୍ରୀ ମଲ୍ଲିକ କହିଛନ୍ତି, ଅଭିଯୋଗ ଭିତ୍ତିହୀନ ଏବଂ କପୋଳକଳ୍ପିତ। ବୋହୂ ଲିପ୍‌ସା ନିୟମିତ ଭାବେ କଲେଜରେ ଯୋଗଦେଇଛନ୍ତି, ଏପରି କି ଖାତା ମଧ୍ୟ ମୂଲ୍ୟାଙ୍କନ କରିଛନ୍ତି। ଖାତା ମୂଲ୍ୟାଙ୍କନ ତଥ୍ୟ କେବେ ମିଥ୍ୟା ହୋଇ ନ ପାରେ ବୋଲି ଖଣି ମନ୍ତ୍ରୀ କହିଛନ୍ତି।

ପ୍ରକାଶ ଯେ, ସୂଚନା ଅଧିକାର କର୍ମୀ ଜୟକୃଷ୍ଣ ବେହେରା ଲୋକାୟୁକ୍ତଙ୍କ ନିକଟରେ କରିଥିବା ଅଭିଯୋଗ ଅନୁସାରେ ମନ୍ତ୍ରୀ ମଲ୍ଲିକଙ୍କ ବୋହୂ ଲିପ୍‌ସା ପ୍ରଧାନ କାମାକ୍ଷାନଗର କଲେଜର ପ୍ରାଣୀ ବିଭାଗରେ ଅଧ୍ୟାପିକା ଭାବେ କାର୍ଯ୍ୟ କରନ୍ତି। ସେ ୨୦୧୬ରୁ ୨୦୧୮ ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ନ ଦେଇ ମଧ୍ୟ ନିୟମିତ ଭାବେ ଦରମା ପାଇ ଆସିଛନ୍ତି। ଏପରି କି ଉକ୍ତ ସମୟରେ ଲିପ୍‌ସା ଉତ୍କଳ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କରୁଥିବା ଦର୍ଶାଇ ଛୁଟିରେ ଥିଲେ। ହେଲେ ଆର୍‌ଟିଆଇରୁ ମିଳିଥିବା ତଥ୍ୟ ଅନୁସାରେ ୨୦୧୫-୧୬ ଏବଂ ୨୦୧୬-୧୭ ଶିକ୍ଷାବର୍ଷରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗରେ ଲିପ୍‌ସା ପ୍ରଧାନ ନାମରେ କେହି ପିଏଚ୍‌ଡି କରି ନାହାନ୍ତି ବୋଲି ଜଣାପଡ଼ିଛି। ଏଭଳିସ୍ଥିତିରେ କଲେଜ କର୍ତ୍ତୃପକ୍ଷ ଲିପ୍‌ସାଙ୍କୁ ପିଏଚ୍‌ଡି ନାଁରେ ସବେତନ ଛୁଟି ଦର୍ଶାଇବା ଏକ ବଡ଼ କେଲେଙ୍କାରୀକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ଭାଜପା ଅଭିଯୋଗ କରିଛି।

# ଜମାକାରୀଙ୍କ ସମସ୍ୟା ଉପରେ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୨୦।୧**

ଢେଙ୍କାନାଳ ଜିଲା ଭୁବନ ବୁଦ୍ଧେଶ୍ୱର ଶୈବପୀଠରେ ଏଲ୍‌ଆଇସି ଏଜେଣ୍ଟଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାମଚନ୍ଦ୍ର ରାଉତ ଅଧ୍ୟକ୍ଷତା କରିଥିଲେ। ଇଷ୍ଟର୍ଣ୍ଣ ସେଣ୍ଟ୍ରାଲ ଜୋନ୍ ଚେୟାରମ୍ୟାନ ଉଦୟନାଥ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏଲ୍‌ଆଇସି ଉପଭୋକ୍ତାଙ୍କ ସମସ୍ତ ସୁବିଧା ଅସୁବିଧା ଉପରେ ଆଲୋକପାତ କରିଥିଲେ। ଢେଙ୍କାନାଳ ଶାଖାରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଜମାକାରୀଙ୍କୁ ଅଯଥା ହଇରାଣ କରା ନ ଯିବା ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ଏଜେଣ୍ଟମାନେ ନିବେଦନ କରିଥିଲେ। ସଭାପତି ଶଙ୍କର୍ଷଣ ରଥ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଶତପଥୀ, ଉପସଭାପତି ଶ୍ରୀକାନ୍ତ ଦାସ, ବିଳାସ ସାହୁ, ଉପଦେଷ୍ଟା ହରମୋହନ ବେହେରାଙ୍କ ସମେତ ଭୁବନ ଅଞ୍ଚଳର ୩୦ରୁ ଊର୍ଦ୍ଧ୍ୱ ଏଜେଣ୍ଟ ଉପସ୍ଥିତ ଥିଲେ। ବନମାଳି ପାତ୍ର ଧନ୍ୟବାଦ ଦେଇଥିଲେ।

# ସ୍କୁଲ ବନ୍ଦ ନିଷ୍ପତ୍ତିକୁ ନିନ୍ଦା



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

- ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଧାରଣା
- ମୌଳିକ ଅଧିକାରରୁ ବଞ୍ଚିତ ହେବେ ପିଲା
- ଅଭିଭାବକ, ଶିକ୍ଷାପ୍ରେମୀଙ୍କୁ ନେଇ ହେବ ଆନ୍ଦୋଳନ

**ଅନୁଗୋଳ ଅଫିସ, ୨୦।୧**

ଅନୁଗୋଳ ଜିଲାର ସର୍ବପୁରାତନ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଓ ଜିଲାର ୧୭୦ ପ୍ରାଥମିକ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ବୁଧବାର ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ପରେ ଏକ ପ୍ରତିନିଧିମଣ୍ଡଳୀ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲା।

ଏହି ଅବସରରେ ଛେଣ୍ଡିପଦା ବ୍ଲକର ଚନ୍ଦ୍ରପୁର, ଧଉରାଖମଣ ପ୍ରାଥମିକ ବିଦ୍ୟାଳୟ, ବାରସିଂହା କଇଥଡ଼ିପ ସାହି ପ୍ରାଥମିକ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦୁଇଟି ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ଧାରଣାରେ କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅଭିମନ୍ୟୁ ସ୍ୱାଇଁ, ରମେଶ ଚନ୍ଦ୍ର ସାହୁ, ନିରୋଦ ଚନ୍ଦ୍ର ପାଳ, ନବକିଶୋର ପ୍ରଧାନ, ପରମେଶ୍ୱର ପ୍ରଧାନ, ପଠାଣି ବାରିହା, ତୀର୍ଥବାସୀ ଭୋଇ, ତ୍ରିଲୋଚନ ଜେନା, ମାନସ ପାଳ, ନାରାୟଣ ନାୟକ, ଅମୂଲ୍ୟ ସାହୁ, ବିଷ୍ଣୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାର ବିସ୍ତାର ପାଇଁ ନୂଆ ସ୍କୁଲ କଲେଜ ଖୋଲିବା ପରିବର୍ତ୍ତେ ରାଜ୍ୟ ସରକାର ସ୍କୁଲ କଲେଜ ବନ୍ଦ କରୁଛନ୍ତି। ଜିଲାର ଗର୍ବ, ଗୌରବ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟକୁ ବନ୍ଦ କରିବା ନିଷ୍ପତ୍ତି ଜିଲାର ସ୍ୱାଭିମାନ ପ୍ରତି କୁଠାରଘାତ ବୋଲି ସେମାନେ କହିଥିଲେ। ବିଏଡ୍ କଲେଜର ଆବଶ୍ୟକ ଭିତ୍ତିଭୂମି ଥିବା ସତ୍ତ୍ୱେ ସରକାର ଓ ଶିକ୍ଷା ବିଭାଗର ଅବହେଳା କାରଣରୁ ଏନ୍‌ସିଟିଇ ସହବନ୍ଧନ ହରାଇ କଲେଜ ବନ୍ଦ ହେବାକୁ ଯାଉଛି। କୌଣସି ପ୍ରକାରେ କଲେଜକୁ ବନ୍ଦ କରାଇ ଦିଆଯିବନାହିଁ ବୋଲି କମିଟି ପକ୍ଷରୁ କୁହାଯାଇଛି। ସେହିପରି ଜିଲାରେ ୧୭୦ ପ୍ରାଥମିକ ସ୍କୁଲ ବନ୍ଦ କରି ହଜାର ହଜାର ପିଲାଙ୍କୁ ଶିକ୍ଷା ପାଇବାର ମୌଳିକ ଅଧିକାରରୁ ବଞ୍ଚିତ କରାଗଲେ ଛାତ୍ର, ଅଭିଭାବକ ଏବଂ ଶିକ୍ଷାପ୍ରେମୀ ଜନସାଧାରଣଙ୍କୁ ନେଇ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଥିଲା।

## ଅବକାରୀ ଚଢ଼ାଉ, ୪ ଗିରଫ

ବଇଣ୍ଡା,(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନାର ବିଭିନ୍ନ ଗ୍ରାମରେ ବୁଧବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୫୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ବନ୍ତୁଲୁ ଗ୍ରାମର ନୟନୀ ମାଝି, ଶ୍ରୀନିବାସ ବେହେରା, ସାନହୁଲା ଗ୍ରାମର ପେଜୁ ଦେହୁରୀ, ଘୋଡ଼ାବାନ୍ଧୁଣୀ ଗ୍ରାମର ଆନନ୍ଦ ଚନ୍ଦ୍ର ପ୍ରଧାନଙ୍କୁ ଗିରଫ କରାଯାଇଛି। ଆଠମଲ୍ଲିକ ଅବକାରୀ ନିରୀକ୍ଷକ ପ୍ରଫୁଲ୍ଲ କୁମାର ପତିଙ୍କ ସମେତ ଏକ ଟିମ୍ ଏହି ଚଢ଼ାଉ କରିଥିଲେ।

## ସଂକ୍ଷେପରେ

### ବିଧାୟକଙ୍କୁ ଘେରିଲେ ଗ୍ରାମବାସୀ

**ଆଠମଲ୍ଲିକ,୨୦।୧(ଡି.ଏନ.ଏ.):** ରାଜ୍ୟ ସରକାରଙ୍କ ପ୍ରସ୍ତାବିତ (ମେଗା) ବୃହତ୍ ଉଠାଜଳସେଚନ ପ୍ରକଳ୍ପକୁ ନେଇ ଆଠମଲ୍ଲିକ ବ୍ଲକ ଓଲଥ ଓ ଲୁହାସିଙ୍ଗା ପଞ୍ଚାୟତ ପତାକା ଗ୍ରାମବାସୀଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦର ସମାଧାନ ହୋଇପାରୁ ନାହିଁ ଏପରି ସ୍ଥିତିରେ ପତାକା ଗ୍ରାମକୁ ଏକ ଫୁଟବଲ ଟୁର୍ନାମେଣ୍ଟରେ ମୁଖ୍ୟଅତିଥି ଭାବେ ଯୋଗ ଦେବାକୁ ଯାଉଥିବା ବିଧାୟକ ରମେଶ ଚନ୍ଦ୍ର ସାଏଙ୍କୁ ଓଲଥ ଗ୍ରାମବାସୀ ମଙ୍ଗଳବାର ପ୍ରାୟ ଏକଘଣ୍ଟା ପର୍ଯ୍ୟନ୍ତ ଅଟକ ରଖିଥିଲେ। ବିଧାୟକ ସାଏ ଗ୍ରାମବାସୀଙ୍କୁ ବୁଝାଇବାକୁ ଚେଷ୍ଟା କରୁଥିଲେ ହେଁ ପ୍ରକଳ୍ପ ଦାବିରେ ଲୋକେ ଅଡ଼ି ବସିଥିଲେ। ଖୁବ୍‌ଶୀଘ୍ର ଜିଲାପାଳ, ମେଗାପ୍ରକଳ୍ପ ଅଧିକାରୀ ଓ ଉଭୟ ଗ୍ରାମବାସୀଙ୍କୁ ଏକାଠି ବସାଇ ସମାଧାନର ବାଟ ବାହାର କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ତାଙ୍କୁ ଯିବାକୁ ଦେଇଥିବା ଜଣାଯାଇଛି।

### ପୋଡ଼ିଯାଇ ମହିଳା ମୃତ

**ଅନୁଗୋଳ ଅଫିସ, ୨୦।୧:** ରୋଷେଇ କରୁଥିବା ବେଳେ ଅସାବଧାନତା କାରଣରୁ ନିଆଁରେ ପୋଡ଼ିଯାଇ ବରଗଡ଼ ଜିଲା ନୂଆଗଡ଼ ଗ୍ରାମର କୁନ୍ତୀ ଜାଲ(୨୭) ପ୍ରାଣ ହରାଇଛନ୍ତି। ତାଙ୍କୁ ଉଦ୍ଧାର କରିବାକୁ ଯାଇ ସ୍ୱାମୀ ରାଜକିଶୋର ସାଗର ମଧ୍ୟ ଆହତ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ମଙ୍ଗଳବାର ରୋଷେଇ କରୁଥିବା ବେଳେ କୁନ୍ତୀଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ସ୍ୱାମୀ ରାଜକିଶୋର ଉଦ୍ଧାର କରି ପ୍ରଥମେ ଖେଦାପାଲି ଓ ପରେ ବୁର୍ଲା ଡାକ୍ତରଖାନାକୁ ନେଇଥିଲେ। ରାତି ୧୧ଟାରେ କୁନ୍ତୀଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଅନୁଗୋଳ ଦେଇ ଯାଉଥିବା ବେଳେ ଅବସ୍ଥା ବିଗିଡିବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର କୁନ୍ତୀଙ୍କୁ ମୃତ ଘୋଷଣା କରିଥିଲେ। ଅନୁଗୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### କାଠ ଭର୍ତ୍ତି ପିକ୍‌ଅପ୍ ଜବତ

**ବନ୍ତଲା,୨୦।୧(ଡି.ଏନ.ଏ.):** ଅନୁଗୋଳ ବନଖଣ୍ଡ ବନ୍ତଲା ରେଞ୍ଜ ପୋକତୁଙ୍ଗା ଗ୍ରାମରେ ବୁଧବାର ବନବିଭାଗ ଚଢ଼ାଉ କରି ଶାଗୁଆନ କାଠ ଭର୍ତ୍ତି ପିକଅପ୍ ଭ୍ୟାନ୍ ଜବତ କରିଛି। ରେଞ୍ଜ ଅଧିକାରୀ ମାଧବ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ବଶିଷ୍ଠ ଦେହୁରୀ, ଫରେଷ୍ଟର ଅରୁଣ ପ୍ରଧାନ, ସ୍ୱତନ୍ତ୍ର ସ୍କ୍ୱାଡ୍‌ର କୁଶ ନାୟକ, ବରୁଣ ଦେହୁରୀ ପ୍ରମୁଖ ଚଢ଼ାଉ କରିଥିଲେ। ଗାଡି ଚାଳକ ଓ ଚୋରା କାଠ ବେପାରୀ ଫେରାର ହୋଇ ଯାଇଛନ୍ତି। ବନବିଭାଗ ମାମଲା ରୁଜୁ ତଦନ୍ତ ଚଳାଇଛି।

### ମୁଗବିହନ ବଣ୍ଟନ

**ଆଠମଲ୍ଲିକ,୨୦।୧(ଡି.ଏନ.ଏ.):** ଅଏଡା ପଞ୍ଚାୟତ ଓଲଥ ଗ୍ରାମର ଚାଷୀଙ୍କୁ ବୁଧବାର ସରକାରଙ୍କ ତରଫରୁ ମାଗଣାରେ ମୁଗ ବିହନ ଯୋଗାଇ ଦିଆଯାଇଛି। ମୋଟ୍ ୧୧୦ ଜଣ ଚାଷୀଙ୍କୁ ଏହା ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ କର୍ଣ୍ଣ ଯୋଗ ଦେଇଥିଲେ। ଜିଲା କୃଷି ଅଧିକାରୀ ନିର୍ମଳ ଚନ୍ଦ୍ର ସେଠୀ, ସହକାରୀ କୃଷି ଅଧିକାରୀ ଅଞ୍ଜନ ନାଏକ ଓ ରାଜେନ୍ଦ୍ର କୁମାର ଦାସ ଯୋଗଦେଇଥିଲେ। ଗ୍ରାମ୍ୟ କୃଷି ଅଧିକାରୀ ପ୍ରକାଶ କୁମାର ପ୍ରଧାନ ସହଯୋଗ କରିଥିଲେ।

### ୪ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨୦।୧:** ଅନୁଗୋଳ ଜିଲାରୁ ବୁଧବାର ୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୨ ହଜାର ୧୯୦ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଅଁରପାଳ ବ୍ଲକରୁ ୨, ଛେଣ୍ଡିପଦା ବ୍ଲକରୁ ଜଣେ ଓ ତାଳଚେର ବ୍ଲକରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଜିଲାରୁ ୧୦ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ସ୍କୁଲ ମିଶ୍ରଣକୁ ବିରୋଧ

**ପାଲଲହଡ଼ା, ୨୦।୧ (ଡି.ଏନ.ଏ.):** ପାଲଲହଡା ବ୍ଲକ ଡିମିରିଆ ପଞ୍ଚାୟତ ରଞ୍ଜ କଲୋନୀ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ୨ କିଲୋମିଟର ଦୂର ରଞ୍ଜ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରାଯାଉଛି। ବୁଧବାର ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ପୁରୁଷୋତ୍ତମ ବେହେରା ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ସୁଫଳ ନ ମିଳିବାରୁ ଗ୍ରାମବାସୀ ପ୍ରଧାନଶିକ୍ଷକ ଅନାମ ନାଥ ଓ ଜଣେ ସହକାରୀ ଶିକ୍ଷକଙ୍କୁ ଅଟକ ରଖିଥିଲେ। ବ୍ଲକ ଶିକ୍ଷା ଅଧିକାରୀ କହିଛନ୍ତି, ସରକାରଙ୍କ ନିୟମ ଅନୁସାରେ ମିଶ୍ରଣ ହୋଇଛି। ପ୍ରଧାନଶିକ୍ଷକଙ୍କୁ ଅଟକ ରଖାଯାଇ ନାହିଁ। ସେମାନେ ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ପାଇଁ ସେଠାରେ ଅଛନ୍ତି।

# ପାର୍କିଂ ବ୍ୟବସ୍ଥା ଭୁଲିଛି ପୌରପାଳିକା


ବଜାର ରାସ୍ତା ମଝିରେ ଗାଡ଼ି ଗୁଡ଼ିକ ପାର୍କିଂ କରାଯାଇଛି।

**ଅନୁଗୋଳ ଅଫିସ, ୨୦।୧**

- ବଜାର ରାସ୍ତା ମଝିରେ ରଖାଯାଉଛି ଗାଡ଼ି
- ସଂକୀର୍ଣ୍ଣ ହେଉଥିବାରୁ ସର୍ବଦା ରହୁଛି ଗହଳି
- ଅନେକ ସମୟରେ ଅଟକିଯାଉଛି ଆମ୍ବୁଲାନ୍ସ

ବଢୁଛି ଅନୁଗୋଳ ସହର, ବଜାର। ଲୋକ ସଂଖ୍ୟାରେ ମଧ୍ୟ ଦ୍ରୁତ ଅଭିବୃଦ୍ଧି ପରିଲକ୍ଷିତ ହେଉଛି। ତଦନୁଯାୟୀ ସହରରେ ବାଇକ୍ ଓ ଚାରି ଚକିଆ ଗାଡ଼ି ବୃଦ୍ଧି ପାଉଥିଲେ ମଧ୍ୟ ପାର୍କିଂ ପାଇଁ ଆବଶ୍ୟକ ସ୍ଥାନ ନାହିଁ। ବିଶେଷକରି ଅନୁଗୋଳ ବଜାରରେ ପାର୍କିଂ ସମସ୍ୟା ଲୋକଙ୍କ ସହ ବ୍ୟବସାୟୀଙ୍କୁ ଚିନ୍ତାରେ ପକାଇଛି। ଗାଡ଼ି ରଖିବାକୁ ନିର୍ଦ୍ଧାରିତ ସ୍ଥାନ ନ ଥିବାରୁ ବଜାର ଆସୁଥିବା ଲୋକେ ରାସ୍ତା ମଝିରେ ପାର୍କିଂ କରି ଦୋକାନ ଭିତରକୁ ଯାଉଛନ୍ତି। ଫଳରେ ବଜାର ରାସ୍ତା ଦିନକୁ ଦିନ ସଂକୀର୍ଣ୍ଣ ହୋଇପଡୁଛି। ଏଥିଯୋଗୁ ଅନେକ ସମୟରେ ଆମ୍ବୁଲାନ୍ସକୁ ଅଟକି ରହିବାକୁ ପଡୁଛି। ପର୍ବପର୍ବାଣୀ ଓ ପୂଜାଋତୁରେ ଲୋକେ ଅଧିକ ଅସୁବିଧା ଭୋଗୁଛନ୍ତି। କିନ୍ତୁ ଟିକସ ଆଦାୟରେ ବ୍ୟସ୍ତ ପୌର କର୍ତ୍ତୃପକ୍ଷ ପାର୍କିଂ ବ୍ୟବସ୍ଥା କଥା ସମ୍ପୂର୍ଣ୍ଣ ଭୁଲି ଯାଇଥିବା ସହରବାସୀ ଅଭିଯୋଗ କରିଛନ୍ତି।

ଅନୁଗୋଳ ମେଡିକାଲ ଛକ ଠାରୁ ବଜାର ଛକ, ବଜାର ଛକରୁ ଗାନ୍ଧୀମାର୍ଗ ଏବଂ ପୁରୁଣା ଲାଇବ୍ରେରି ଛକ ମଧ୍ୟରେ ଗାଡ଼ି ପାର୍କିଂ ପାଇଁ ସ୍ଥାନ ଚିହ୍ନଟ କରାଯାଇ ନାହିଁ। ତେଣୁ ସୁବିଧା ଅନୁସାରେ ଚାଳକମାନେ ନିଜ ନିଜ ଗାଡ଼ି ପାର୍କିଂ କରୁଛନ୍ତି। ବାଇକ୍‌ଗୁଡ଼ିକୁ ରାସ୍ତା ମଝିରେ ରଖାଯାଉଥିବା ବେଳେ ଗ୍ରାହକଙ୍କୁ ଦେଖାଗଲା ଭଳି ବ୍ୟବସାୟୀମାନେ ବିଭିନ୍ନ ବିକ୍ରି ସାମଗ୍ରୀକୁ ରାସ୍ତା ଉପରେ ରଖୁଛନ୍ତି। ତେଣୁ ଦୈନିକ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ସନ୍ଧ୍ୟା ସମୟରେ ଗହଳି ଅଧିକ ହେଉଥିବାରୁ ବଜାର ରାସ୍ତାରେ ଯାତାୟାତ କଷ୍ଟକର ହୋଇପଡୁଛି। ମେଡିକାଲ ମୁହାଁ ଆମ୍ବୁଲାନ୍ସଗୁଡ଼ିକୁ ମଧ୍ୟ ଅଟକିବାକୁ ପଡୁଛି। ରାସ୍ତାର ଉଭୟ ପାର୍ଶ୍ୱରେ ପୌରପାଳିକା ପକ୍ଷରୁ ମାର୍କେଟ କମ୍ପ୍ଲେକ୍ସ କରାଯାଇଛି। ଏହି ନିର୍ମାଣ ସମୟରେ କିଛି କିଛି ସ୍ଥାନରେ ପାର୍କିଂ ନିମନ୍ତେ ଜାଗା ଛଡ଼ାଯାଇଥିଲା। କିନ୍ତୁ କେତେଜଣ ଅସାଧୁ କର୍ମଚାରୀଙ୍କୁ ହାତକରି ବ୍ୟବସାୟୀମାନେ ଉକ୍ତ ପାର୍କିଂ ସ୍ଥାନକୁ ହାତେଇ ନେଇ ଦୋକାନ ଖୋଲି ବସିପଡ଼ିଛନ୍ତି। ପାର୍କିଂ ସମସ୍ୟା ସମ୍ପର୍କରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପୌର କର୍ତ୍ତୃପକ୍ଷ ଆନ୍ତରିକତା ଦେଖାଉ ନାହାନ୍ତି। ବିଭିନ୍ନ ସମୟରେ ବୈଠକ ବସିଲେ ଏ ନେଇ ଆଲୋଚନା କରାଯାଉଛି। କିନ୍ତୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। କେବଳ ରାସ୍ତା ଉପରେ ସାମଗ୍ରୀ ରଖୁଥିବା ବ୍ୟବସାୟୀଙ୍କ ଉପରେ ବେଳେ ବେଳେ ଚଢ଼ାଉ ଓ ଜରିମାନା ଆଦାୟ କରି କର୍ତ୍ତୃପକ୍ଷ ଚୁପ୍ ବସିଯାଉଥିବାରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେଲାଣି।

### ପାର୍କିଂ ସ୍ଥାନ ଗଲା କୁଆଡ଼େ


ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବା ପରେ ନିକଟରେ ଛୋଟ ଛୋଟ ପାର୍କିଂ ସ୍ଥାନ ଥିଲା। କିନ୍ତୁ ଏବେ ସେଠାରେ ବେଆଇନ୍ ଭାବେ ଦୋକାନ ଘର ନିର୍ମାଣ ହୋଇଛି। ଏହାକୁ ଚିହ୍ନଟ କଲେ ପାର୍କିଂ ସମସ୍ୟା କିଛି ମାତ୍ରାରେ ଦୂର ହେବ। କିନ୍ତୁ ସମସ୍ୟାର ସମାଧାନ ପାଇଁ ପୌରପାଳିକା ବ୍ୟବସ୍ଥା କରୁ।

-ରଶ୍ମିରଞ୍ଜନ ସାହୁ, ଅନୁଗୋଳବାସୀ

### ସମାଧାନ ଉପରେ ଗୁରୁତ୍ୱ ଦିଆଯାଉ


ବଜାରରେ ପାର୍କିଂ ବ୍ୟବସ୍ଥା ନାହିଁ। ଲୋକମାନେ ରାସ୍ତା ମଝିରେ ଗାଡ଼ି ରଖିବାକୁ ବାଧ ହେଉଛନ୍ତି। ତେଣୁ ଧୀରେ ଧୀରେ ସମସ୍ୟା ଜଟିଳ ହେବାରେ ଲାଗିଛି। ଏଥିଯୋଗୁ ବ୍ୟବସାୟୀଙ୍କୁ ମଧ୍ୟ ଅସୁବିଧା ଭୋଗିବାକୁ ପଡୁଛି। ଜିଲା ପ୍ରଶାସନ ପାର୍କିଂ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।

-ପ୍ରତାପ ମାଝି, ସଞ୍ଜୀବନୀ ମାର୍କେଟ ସଭାପତି

### ଭିଡ଼ ଯୋଗୁ ଆମ୍ବୁଲାନ୍ସ ଅଟକି ଯାଉଛି


ବଜାରରେ ବିଭିନ୍ନ ସମୟରେ ଭିଡ଼ ପରିଲକ୍ଷିତ ହେଉଛି। ଫଳରେ ବେଳେ ବେଳେ ଉକ୍ତ ରାସ୍ତା ଦେଇ ଯାଉଥିବା ଆମ୍ବୁଲାନ୍ସକୁ ଦୀର୍ଘ ସମୟ ଅଟକିବାକୁ ପଡୁଛି। ସହର ସୌନ୍ଦର୍ଯ୍ୟକରଣ ହେଉଥିବା ଜାଣି ଖୁସି ଲାଗୁଛି। କିନ୍ତୁ ଏହି ପ୍ରମୁଖ ସମସ୍ୟାର ସମାଧାନ କରାଗଲେ ଅଧିକ ଆନନ୍ଦ ଲାଗିବ।

-ସୂର୍ଯ୍ୟନାରାୟଣ ନାଥ, ଅନୁଗୋଳବାସୀ

### ମିଳିତ ଉଦ୍ୟମ ଆବଶ୍ୟକ


ପୋଲିସ ଓ ପୌରପାଳିକାର ମିଳିତ ଉଦ୍ୟମ ରହିଲେ ସମସ୍ୟାର ସମାଧାନ ହୋଇପାରିବ। ରାସ୍ତା ମଝିରେ ବ୍ୟବସାୟୀମାନେ ଗାଡ଼ି ରଖିଲେ ୱାନ ୱେ ଭଳି କାର୍ଯ୍ୟ କରିବ। କିନ୍ତୁ ବ୍ୟବସାୟୀମାନେ ସେମାନଙ୍କ ପସରା ରାସ୍ତା ଉପରେ ମେଲାଉଛନ୍ତି। ଏହାକୁ ବନ୍ଦ କରାଗଲେ ଅସୁବିଧା ଅପେ ଦୂର ହେବ।

-ଅକ୍ଷୟ କୁମାର ସାମନ୍ତ, ପୂର୍ବତନ ନଗରପାଳ

### ସମାଧାନ ପାଇଁ ପଦକ୍ଷେପ ନିଆଯିବ


ବଜାର ମଧ୍ୟରେ ପାର୍କିଂକୁ ନେଇ ଏପରି ସମସ୍ୟା ହେଉଥିବା ସମ୍ପର୍କରେ ଅବଗତ ନ ଥିଲି। ଏ ନେଇ ପ୍ରଶାସନ ପକ୍ଷରୁ ଅନୁଧ୍ୟାନ କରାଯିବ। ଯେତେଶୀଘ୍ର ସମ୍ଭବ ପାର୍କିଂ ବ୍ୟବସ୍ଥା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ। ରୋଗୀମାନଙ୍କୁ ନେଇ ଆମ୍ବୁଲାନ୍ସ ଉକ୍ତ ରାସ୍ତାରେ ଯାତାୟାତ କରୁଥିବାରୁ ଯେପରି କେଉଁଠି ନ ଅଟକିବ ତାହା ଉପରେ ଗୁରୁତ୍ୱ ଦିଆଯିବ।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ

## ଶୃଙ୍ଖଳା କମିଟି ପକ୍ଷରୁ ୩ ସଂସ୍ଥାରେ ଯାଞ୍ଚ

**ଅନୁଗୋଳ ଅଫିସ, ୨୦।୧**

ଅନୁଗୋଳ ସହରରେ ଥିବା ୩ଟି ଜଳଯୋଗାଣ ବ୍ୟବସାୟିକ ସଂସ୍ଥାରେ ଉପଖଣ୍ଡ ବହୁମୁଖୀ ଶୃଙ୍ଖଳା ଟିମ୍ ପକ୍ଷରୁ ଯାଞ୍ଚ କରାଯାଇଛି। ଚଢ଼ାଉ ବେଳେ ପାଣି ଜାର୍‌ଗୁଡିକୁ ଠିକ୍ ଭାବେ ସଫା କରାଯାଉ ନ ଥିବା ଜଣାପଡ଼ିଥିଲା। ପ୍ୟାକିଂ କରୁଥିବା ଅଧିକାଂଶ କର୍ମଚାରୀ ଅଣତାଲିପ୍ରାପ୍ତ ହୋଇଥିବା ବେଳେ ନିରାପତ୍ତା କିଟ୍ ପରିଧାନ କରି ନ ଥିବା ଟିମ୍ ସଦସ୍ୟମାନେ ଦେଖିବାକୁ ପାଇଥିଲେ। ଏପରି କି ପାଣି ପ୍ୟାକିଂ କରୁଥିବା କର୍ମଚାରୀ ଜରି ପୋଷାକ, ମାସ୍କ ଓ ଗ୍ଲୋବ୍ସ ପିନ୍ଧି ନ ଥିଲେ। ପ୍ୟାକିଂ ବେଳେ କାଶିଲେ କି ଛିଙ୍କିଲେ ପାଣିରେ ଭୂତାଣୁ ମିଶିବାର ଆଶଙ୍କା ରହିଥିବା ଶୃଙ୍ଖଳା ଟିମ୍ ପକ୍ଷରୁ କୁହାଯାଇଛି। ଏ ନେଇ ସଂସ୍ଥାଗୁଡ଼ିକକୁ ତାଗିଦ୍ ସହ ସ୍ୱଚ୍ଛତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିୟମ ମାନୁ ନ ଥିବା ଏହି ୩ଟି ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଶୃଙ୍ଖଳା ଟିମ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପରେ ଉକ୍ତ ଟିମ୍ ଏକ ଟିଫିନ ଷ୍ଟଲରେ ଚଢ଼ାଉ କରି ବାସି ଖାଦ୍ୟ ବିକ୍ରି ହେଉଥିବାରୁ ତାଗିଦ୍ କରିଥିଲା। ଆସିଷ୍ଟାଣ୍ଟ କଲେକ୍ଟର ଦୋଳଗୋବିନ୍ଦ ସାହୁ, ଚିନ୍ମୟ ଦାଶ, ଅତିରିକ୍ତ ତହସିଲଦାର ସୁମନ୍ତ କୁମାର ବେହେରା, ଫୁଡ୍ ଇନ୍ସପେକ୍ଟର ହରପ୍ରିୟା ବେହେରା ଓ ପୋଲିସ କର୍ମଚାରୀ ଏହି ଚଢ଼ାଉ କରିଥିଲେ।

## ତଦନ୍ତ ପାଇଁ ଗଢ଼ାହେଲା ସ୍ୱତନ୍ତ୍ର ଟିମ୍

**ଅନୁଗୋଳ ଅଫିସ, ୨୦।୧**

**ନୋଟ୍ ଦେଲେ ନେଗେଟିଭ୍ ଘଟଣା**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିନା ପରୀକ୍ଷାରେ ଲୋକଙ୍କୁ କୋଭିଡ୍ ନେଗେଟିଭ ରିପୋର୍ଟ ପ୍ରଦାନ କରାଯାଉଥିବା ଅଭିଯୋଗ ହେଉଥିଲା। ନୋଟ୍ ନେଇ ଦଲାଲ୍‌ମାନେ ଜଣେ ଠିକା ସଂସ୍ଥା ଅଧିକାରୀଙ୍କ ସହଯୋଗରେ ଏହି କାର୍ଯ୍ୟ କରାଉଥିବା ନେଇ ବୁଧବାର 'ଧରିତ୍ରୀ'ରେ ରିପୋର୍ଟ ପ୍ରକାଶ ପାଇଥିଲା। ଅଭିଯୋଗର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅଭୟ କୁମାର ଦାଶ ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ ସହ ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ 'ଧରିତ୍ରୀ'ରେ ପ୍ରକାଶିତ ରିପୋର୍ଟକୁ ଜିଲାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ସଚିବ ଓ ଜିଲା ପ୍ରଶାସନଙ୍କୁ ଟୁଇଟ୍ ଯୋଗେ ଅବଗତ କରାଯାଇଛି। ଏଭଳି ଘଟଣାକୁ ନିନ୍ଦା କରାଯିବା ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ସିଡିଏମ୍ ଡାକ୍ତର ଦାଶ କହିଛନ୍ତି, ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ହେବ। ଘଟଣା ଉପରେ ସେ ନଜର ରଖିଥିବା ପ୍ରକାଶ କରିଛନ୍ତି।



ଅନୁଗୋଳବାସୀ କରିଥିବା ଟୁଇଟ୍।

## ଅନଶନରେ ବସିଲେ ଠିକାଦାର

**ପାଲଲହଡା,୨୦।୧(ଡି.ଏନ.ଏ.)**

ସରକାରୀ ବାସଭବନ ମରାମତି କାର୍ଯ୍ୟ ସରିବାର ୨ ବର୍ଷ ବିତିଯାଇଥିଲେ ମଧ୍ୟ ବିଲ୍ ମିଳୁ ନ ଥିବାରୁ ଠିକାଦାର ହେମନ୍ତ ଖାମଣିଆ ବୁଧବାର ପାଲଲହଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ସହ ଆମରଣ ଅନଶନରେ ବସିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ପାଉଡି ଭୂୟାଁ ଉନ୍ନୟନ ସଂସ୍ଥା (ପିବିଡିଏ) ଅଧୀନରେ ଗତ ୨୦୧୯ ଫେବୃୟାରୀ ୨୦ରେ ସେ ଷ୍ଟାଫ କ୍ୱାର୍ଟର ମରାମତି କାର୍ଯ୍ୟ କରିଥିଲେ। ତତ୍‌କାଳୀନ ସ୍ୱତନ୍ତ୍ର ଅଧିକାରୀ ଅବସର ନେଇସାରିଥିବା ବେଳେ କନିଷ୍ଠ ଯନ୍ତ୍ରୀଙ୍କ ଅନ୍ୟତ୍ର ବଦଳି ହୋଇଯାଇଛି। ବର୍ତ୍ତମାନ ନୂତନ କନିଷ୍ଠ ଯନ୍ତ୍ରୀ ପୁରୁଣା ରେକର୍ଡରେ ତ୍ରୁଟି ଥିବା ଦର୍ଶାଇ ବିଲ୍ କରିବାକୁ ରାଜି ହେଉନାହାନ୍ତି। ଯେ ପର୍ଯ୍ୟନ୍ତ ବକେୟା ବିଲ୍ ନ ମିଳିଛି ସେ ଯାଏ ଅନଶନରେ ବସିବେ ବୋଲି ଖାମଣିଆ କହିଛନ୍ତି। ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ କହିଛନ୍ତି, ଉକ୍ତ କାମର କୌଣସି କାଗଜପତ୍ର କାର୍ଯ୍ୟାଳୟରେ ନ ଥିବା କାରଣରୁ ବିଲ୍ ହୋଇପାରୁ ନାହିଁ।

## ପ୍ରଦୂଷଣର ପ୍ରତିକାର ନ ହେଲେ ଆନ୍ଦୋଳନ


ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀମାନେ।

**କଣିହାଁ,୨୦।୧(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ପଞ୍ଚାୟତ ସମିତିର ୧୩ ତମ ସାଧାରଣ ବୈଠକ ବୁଧବାର ଟିକିରା ନଦୀ କୂଳରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ନମିତା ସାହୁ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ଶ୍ୟାମସୁନ୍ଦର ସାହୁ, ପାଲଲହଡା ବିଧାୟକଙ୍କ ପ୍ରତିନିଧି କୈଳାସ ସାହୁ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନୀଲ ପ୍ରଧାନ, ଏବିଡିଓ ବିଜୟ ମେହେର, ଡାକ୍ତର ଶଶିକାନ୍ତ ତ୍ରିପାଠୀ, ପିଏଚଇଓ ଅଭୟ ସାମଲ ଉପସ୍ଥିତ ଥିଲେ। ବିଡିଓ ରମେଶ କୁମାର ଜେନା ପରିଚାଳନା କରିଥିଲେ।

ବ୍ଲକ ଅଞ୍ଚଳରେ ବଢୁଥିବା ପ୍ରଦୂଷଣ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ସହ ପ୍ରତିକାର ବ୍ୟବସ୍ଥା ନ ହେଲେ ଆନ୍ଦୋଳନ କରାଯିବ ବୋଲି ଉପସ୍ଥିତ ଜନପ୍ରତିନିଧିମାନେ ଚେତାବନୀ ଦେଇଥିଲେ। ଏ ନେଇ ବ୍ଲକ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାର, ବିଭାଗୀୟ ଅଧିକାରୀ ଓ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗକୁ ଜଣାଯିବା ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିପରି ବ୍ଲକସ୍ତରରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଶିକ୍ଷା, କୃଷି, ଭତ୍ତା, ପକ୍କାଘର ଉପରେ ଆଲୋଚନା ହୋଇଥିଲା। ଟିକିରା ନଦୀ କୂଳରେ ଥିବା ପିକ୍‌ନିକ୍ ସ୍ପଟରେ ଖୁବ୍‌ଶୀଘ୍ର ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା ଓ ବିଶ୍ରାମସ୍ଥଳ ନିର୍ମାଣ କରିବାକୁ ବିଡିଓ ପ୍ରକାଶ କରିଥିଲେ। ପ୍ରତ୍ୟେକ ଗ୍ରାମରେ ଘରକୁ ପାଇପ୍ ଯୋଗେ ପାନୀୟ ଜଳ ଫେବୃୟାରୀ ସୁଦ୍ଧା କାର୍ଯ୍ୟକାରୀ ହେବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସହ ବ୍ଲକର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଠିକା କାର୍ଯ୍ୟ ଦାବିକଲେ ଗ୍ରାମବାସୀ


ପରିବେଶ ସମ୍ବନ୍ଧୀୟ ଜନଶୁଣାଣିରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ଛେଣ୍ଡିପଦା,୨୦।୧(ସ୍ୱ.ପ୍ର.)**

**ଛେଣ୍ଡିପଦାରେ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି**

- ୯୧୨.୭୯୯ ହେକ୍ଟରରେ ଖୋଳାଯିବ କୋଇଲା
- ସଫଳ ହୋଇଥିବା କହିଲେ ପ୍ରଶାସନିକ ଅଧିକାରୀ

ଅନୁଗୋଳ ଜିଲା ଛେଣ୍ଡିପଦା ତହସିଲ କରଡାବାହାଲିଠାରେ ବୁଧବାର ସିଙ୍ଗାରେନି କମ୍ପାନୀର ପ୍ରସ୍ତାବିତ କୋଇଲା ଖଣି ନିମନ୍ତେ ଅନୁଗୋଳ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ନୟନୀ କୋଲବ୍ଲକରେ ମେସର୍ସ ଦି 'ସିଙ୍ଗେରେନୀ' କମ୍ପାନୀକୁ କୋଇଲା ଖନନ ନିମନ୍ତେ ୯୧୨.୭୯୯ ହେକ୍ଟର ଜାଗା ଖୋଲା ଖଣି ପାଇଁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ଏହି ଖଣି ନିମନ୍ତେ ପୂର୍ବାହ୍ନ ୧୧ଟା ବେଳେ ଜନଶୁଣାଣି କରାଯାଇଥିଲା। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଅନୁପ କୁମାର ମଲ୍ଲିକ ଓ ଅନୁଗୋଳ ରାଜସ୍ୱ ବିଭଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ପ୍ରଧାନ ଯୋଗଦେଇ ଶୁଣାଣି କରିଥିଲେ। ଏଥିରେ କାରଡାବାହାଳ, ଥଳିପଶି, ବିଦ୍ୟାଧରପୁର, ବ୍ରାହ୍ମଣବିଲ ମୌଜା, ଛେଣ୍ଡିପଦା ଆଦି ଗ୍ରାମର କ୍ଷତିଗ୍ରସ୍ତ ହେବାକୁ ଥିବା ଶତାଧିକ ଲୋକ ଯୋଗଦେଇ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। କ୍ଷତିଗ୍ରସ୍ତଙ୍କ ସହ ଗ୍ରାମର ଅନ୍ୟମାନଙ୍କୁ କମ୍ପାନୀ ପକ୍ଷରୁ ଠିକା କାର୍ଯ୍ୟ ଦିଆଯିବା, ସଂରକ୍ଷିତ ଜଙ୍ଗଲ, ଗୋଚର, ଶ୍ମଶାନ ଓ ଜଳାଶୟ ଆଦି ପାଇଁ ଦୁଇଗୁଣ ଜମି ସହ ବୃକ୍ଷରୋପଣ କରିବା, ୫୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ଭିନ୍ନକ୍ଷମମାନଙ୍କୁ ମାସିକ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ବ୍ୟବସ୍ଥା, ମନ୍ଦିର, ରାସ୍ତାର ଉନ୍ନତୀକରଣ ସହ ଆଲୋକୀକରଣ ଏବଂ ଖଣିକୁ ମା' ରକ୍ତ ମାଉଳିଙ୍କ ନାମରେ ନାମିତ କରିବାକୁ ଦାବି ହୋଇଥିଲା। ଗ୍ରାମବାସୀଙ୍କ ଦାବି ସମ୍ପର୍କରେ ଭାରତ ସରକାରଙ୍କୁ ଜଣାଇ ଦିଆଯିବା ସହ ଜନଶୁଣାଣି ସଫଳ ହୋଇଥିବା ଅଧିକାରୀମାନେ ପ୍ରକାଶ କରିଥିଲେ। ଉପ ଜିଲାପାଳ ବାସୁଦେବ ଶତପଥୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରସନ୍ନ ବିଶ୍ୱାଳ, ଅନୁଗୋଳ ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ, ତହସିଲଦାର ଡାନିଏଲ ଏକ୍କା, ବିଡିଓ ବିଶ୍ୱନାଥ ସାହୁ, ଉପ ପରିବେଶ ଯନ୍ତ୍ରୀ ରାକେଶ ମହାନ୍ତି, କମ୍ପାନୀ ପ୍ରୋଜେକ୍ଟ ଅଧିକାରୀ ରବୀନ୍ଦ୍ର ଚୌଧୁରୀ, ପ୍ରବୀଣ କାଶ୍ୟପ ପ୍ରମୁଖ ଯୋଗ ଦେଇଥିଲେ। ଛେଣ୍ଡିପଦା ଥାନା ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## କଟାଗଲା ଗଞ୍ଜେଇ ଗଛ

**ବଇଣ୍ଡା,୨୦।୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ନାଗାଝରଣ ଗ୍ରାମ ନିକଟସ୍ଥ ବେଲବଣିଆ ସାହି ନିକଟରେ ଏକ ସରକାରୀ ଜମିରେ ଲାଗିଥିବା ଗଞ୍ଜେଇ ଗଛକୁ ବୁଧବାର ହଣ୍ଡପା ପୋଲିସ ପକ୍ଷରୁ ନଷ୍ଟ କରାଯାଇଛି। ୧୨ ଶହରୁ ଊର୍ଦ୍ଧ୍ୱ ଗଛ ପୋଡ଼ା ଯାଇଥିବାବେଳେ କୌଣସି ଚାଷୀଙ୍କୁ ଗିରଫ କରାଯାଇ ନାହିଁ। ଗଞ୍ଜେଇ ଚାଷ ସମ୍ପର୍କରେ ଅଞ୍ଚଳବାସୀ ଅନୁଗୋଳ ଏସ୍‌ପିଙ୍କଠାରେ ଅଭିଯୋଗ କରିଥିଲେ। ଏସ୍‌ପି ଜଗମୋହନ ମୀନାଙ୍କ ନିର୍ଦ୍ଦେଶକ୍ରମେ ହଣ୍ଡପା ଥାନା ସେକେଣ୍ଡ ଅଫିସର ସରୋଜ କୁମାର ଦାସ, ପ୍ରତାପ ପ୍ରଧାନ, ବୀରେନ୍ଦ୍ର ପ୍ରଧାନ ପ୍ରମୁଖ ଚଢ଼ାଉ କରି ଗଞ୍ଜେଇ ଗଛ କାଟିବା ସହ ପୋଡ଼ିଥିଲେ। ଏହି ଅଞ୍ଚଳରେ ବହୁ ସରକାରୀ ଜମିରେ ଗଞ୍ଜେଇ ଲାଗିଥିବା ସାଧାରଣରେ ଅଭିଯୋଗ ହୋଇଛି।

## ୨ ବଖରା ଜଳିଗଲା

**ବଅଁରପାଳ,୨୦।୧(ଡି.ଏନ.ଏ.)**

ବଅଁରପାଳ ବ୍ଲକ ଫୁଲପଡା ପଞ୍ଚାୟତ ପଣ୍ଡପୁର ପାହାଡ଼ ନିକଟରେ ବୁଧବାର ଅଗ୍ନିକାଣ୍ଡ ଘଟି ସତ୍ୟାନନ୍ଦ ଗଡ଼ନାୟକଙ୍କ ୨ ବଖରା ଜଳିଯାଇଛି। ଏଥିସହ କୁଆରୀରେ ଥିବା ବହୁ ଆସବାବପତ୍ର ଓ କେତେକ ଯନ୍ତ୍ରାଂଶ ମଧ୍ୟ ପୋଡି ଯାଇଛି। ଖବରପାଇ ଅଗ୍ନିଶମ ସଂସ୍ଥାର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## କେନ୍ଦ୍ର ଯୋଜନା ହଡ଼ପ କରୁଛି ବିଜେଡି

**ବଇଣ୍ଡା,୨୦।୧(ଡି.ଏନ.ଏ.)**

କେନ୍ଦ୍ର ସରକାର ଅନେକ ଯୋଜନା ଗ୍ରାମାଞ୍ଚଳରେ ପହଞ୍ଚାଇବା ଦିଗରେ ରାଜ୍ୟ ସରକାର ଅବହେଳା କରୁଛନ୍ତି। ଏପରିକି ଅନେକ ଯୋଜନାକୁ ବିଜେଡି ସରକାର ନିଜ ନାମରେ ହଡ଼ପ କରୁଛି ବୋଲି ବୁଧବାର କିଶୋରନଗର ବ୍ଲକ ବଇଣ୍ଡା ଶିଶୁ ମନ୍ଦିର ପରିସରରେ ଖବରଦାତା ସମ୍ମିଳନୀରେ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ପ୍ରକାଶ କରିଛନ୍ତି। ସମ୍ବଲପୁର ଗସ୍ତରେ ଆସିଥିବା ଅବସରରେ ମହାନ୍ତି ବଇଣ୍ଡାଠାରେ ଏହି ଖବରଦାତା ସମ୍ମିଳନୀ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଜିଲା ସଭାପତି ଡିଲେଶ୍ୱର ପ୍ରଧାନ, ପୂର୍ବତନ ଜିଲା ସଭାପତି ଭାଗୀରଥି ପ୍ରଧାନ, ଜାମୁନାଳୀ ସରପଞ୍ଚ ସ୍ୱୟଂମ୍ବର ପ୍ରଧାନ, ରାଜେନ୍ଦ୍ର ସାହୁ, ଅଜିତ୍ ପଟ୍ଟନାୟକ, ତ୍ରିନାଥ ପ୍ରଧାନ, ପ୍ରସନ୍ନ ବେହେରା ଯୋଗ ଦେଇଥିଲେ।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ବଇଣ୍ଡା,୨୦।୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ଧଡ଼ରପାଳ ପଞ୍ଚାୟତ ନତଡ଼ା ଗ୍ରାମରେ ବୁଧବାର ନୂତନ କୋଠଘର ସହ ମାର୍କେଟ କମ୍ପ୍ଲେକ୍ସ ଉଦ୍‌ଘାଟିତ ହୋଇଯାଇଛି। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହାପରେ ଆୟୋଜିତ ସାଧାରଣ ସଭାରେ ବିଧାୟକ ସାଏ ଯୋଗଦେଇ ସରକାରୀ ଯୋଜନା ଲୋକଙ୍କ ପାଖରେ ପଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ବିଡିଓ ଶ୍ୟାମଳ କୁମାର ରାଏ, ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ବିଜେଡି ଜିଲା ଯୁବ ଉପସଭାପତି ଜିତେନ୍ଦ୍ର ସାହୁ, ଅଙ୍ଗପଡ଼ା ସରପଞ୍ଚ କାଳନ୍ଦୀ ଚରଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।


ନୂତନ କୋଠଘରକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

